**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**27 May – 2025**

# କୃଷି ସଂକଳ୍ପ ଅଭିଯାନ

ଦେଶରେ ଆସନ୍ତା ଗୁରୁବାରଠାରୁ ବିକଶିତ କୃଷି ସଂକଳ୍ପ ଅଭିଯାନ ପୁରୀ ସହରରୁ ଆରମ୍ଭ ହେବ । କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ବୋଲି ସୂଚନା ମିଳିଛି । ଭୁବନେଶ୍ୱର କୃଷି ଭବନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏ ସଂପର୍କରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ପୁରୀରେ ମହାପ୍ରଭୁଙ୍କ ଦର୍ଶନ ପରେ ଅତିଥିମାନେ ତ୍ରିରଙ୍ଗା ଯାତ୍ରାରେ ସାମିଲ ହେବେ । ଏହା ପରେ ସାକ୍ଷୀଗୋପାଳସ୍ଥିତ ବୀରଗୋବିନ୍ଦପୁର କୃଷି ବିଜ୍ଞାନ କେନ୍ଦ୍ରରେ ଅଭିଯାନର ଶୁଭାରମ୍ଭ ହେବ । ଏହି ସମୟରେ କୃଷିରଥର ମଧ୍ୟ ଶୁଭାରମ୍ଭ କରାଯିବ । କୃଷି ସଂକଳ୍ପ ଅଭିଯାନ ଆସନ୍ତା ମାସ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି ।

**V/O**

# ମୁଖ୍ୟମନ୍ତ୍ରୀ-ରେଳମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ରେଳମନ୍ତ୍ରୀଙ୍କ ସହ ରାଜ୍ୟରେ ରେଳ ଭିତ୍ତିଭୂମିର ବିକାଶ, ରେଳ ଯୋଗାଯୋଗର ସୁଦୃଢ଼ୀକରଣ ସଂପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି ।

# ରାଜ୍ୟପାଳ

ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀମାନେ କେବଳ ଶିକ୍ଷାକ୍ଷେତ୍ରରେ ନୁହେଁ, ବରଂ ଭବିଷ୍ୟତରେ ଦାୟିତ୍ୱବାନ ନାଗରିକ ହେବାକୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି । ରାଜଭବନ ନିଉ ଅଭିଷେକ ହଲ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ସିବିଏସ୍‌ଇ ଓ ଆଇସିଏସଇ ବାର୍ଷିକ ହାଇସ୍କୁଲ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୨୫ ଜଣ ଛାତ୍ରଛାତ୍ରୀଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଛନ୍ତି । ଛାତ୍ରଛାତ୍ରୀମାନେ କିଭଳି ଶୃଙ୍ଖଳା, ପ୍ରତିବଦ୍ଧତା ଓ ନିଷ୍ଠା ସହ ସଫଳତା ହାସଲ କରାଯାଏ, ତାହା ପ୍ରଦର୍ଶନ କରିଛନ୍ତି ବୋଲି ରାଜ୍ୟପାଳ କହିଛନ୍ତି ।

## ଖୋର୍ଦ୍ଧା -ବଲାଙ୍ଗୀର ରେଳପଥ

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ଆଡେଣିଗଡ଼ ନିକଟରେ ନିର୍ମାଣାଧୀନ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ୪ ନମ୍ବର ଟନେଲ୍ ଭୁଶୁଡ଼ିବା ଘଟଣାରେ ରେଳ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛନ୍ତି । ଏ ସଂପର୍କରେ ରେଳବାଇ ପକ୍ଷରୁ କୁହାଯାଇଛି, ଘଟଣାରେ କୌଣସି ଶ୍ରମିକ ମୃତାହତ ହୋଇନାହାନ୍ତି । ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ହାଲୁକା ମାଟି ଧସିଯାଇଛି । ଏଥିପାଇଁ ସମସ୍ତ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ଏବଂ ଯୋଜନା ଅନୁଯାୟୀ କାର୍ଯ୍ୟ ଜାରି ରହିଛି ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି ।

## ସାବିତ୍ରୀ

ପୁରୀ ଶ୍ରୀମନ୍ଦିରରେ ଆଜି ସାବିତ୍ରୀ ଅମାବାସ୍ୟା ପାଳନ କରାଯାଉଛି । ପରମ୍ପରା ଅନୁଯାୟୀ ସାବିତ୍ରୀ ଅମାବାସ୍ୟା ତିଥିରେ ଦ୍ୱିତୀୟ ଜଳକ୍ରୀଡ଼ା ନୀତି ପାଳିତ ହେବ । ଶ୍ରୀଜୀଉମାନଙ୍କ ଆଳଟ ଓ ଚନ୍ଦନଲାଗି ନୀତି ଶେଷ ହେବା ପରେ ଶ୍ରୀମଦନମୋହନ

ଓ ଶ୍ରୀଦେବୀ ଆଜ୍ଞାମାଳ ମିଳିବା ପରେ ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରିବେ । ମଣ୍ଡପରେ ଭିତର ଚନ୍ଦନଯାତ୍ରା ନୀତି ଅନୁଷ୍ଠିତ ହେବ । ଶ୍ରୀ ଅମାବାସ୍ୟା ନାରାୟଣ ଠାକୁରଙ୍କୁ ଆଜ୍ଞାମାଳ ପ୍ରାପ୍ତ ହେବା ପରେ ଆଜି ସାଗର ବିଜେ ନୀତି ମଧ୍ୟ ଅନୁଷ୍ଠିତ ହେବ ।

## ଗ୍ରୀଷ୍ମ ଶିବିର

ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚତୁର୍ଥରୁ ଷଷ୍ଠ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ଗ୍ରୀଷ୍ମକାଳୀନ ଶିବିର 'କମାଲ୍ କା କ୍ୟାମ୍ପ' ଆରମ୍ଭ ହୋଇଛି । ଗ୍ରୀଷ୍ମକାଳୀନ ଛୁଟି ଚାଲିଥିବାରୁ ଜିଲ୍ଲାର ୭ଟି ବ୍ଲକର ୩୦୦ରୁ ଅଧିକ ଗ୍ରାମରେ ୩୨୦ ଜଣ ଶିକ୍ଷିତ ଯୁବକ ଓ ସ୍ୱେଚ୍ଛାସେବୀମାନଙ୍କୁ ନେଇ  ଶିବିରର ଆୟୋଜନ କରାଯାଉଛି । ଆସନ୍ତା ୬ ସପ୍ତାହ ପର୍ଯ୍ୟନ୍ତ ଚାଲିବାକୁ ଥିବା ଶିବିରରେ ପିଲାମାନଙ୍କୁ ଖେଳକୁଦ ସହ ବିଭିନ୍ନ ପାଠ ବିଷୟରେ ଶିକ୍ଷା ଦିଆଯାଉଛି ।

## ସଚେତନତା

ଭଦ୍ରକ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ଭ୍ରାମ୍ୟମାଣ ଗାଡ଼ି ଜିଲ୍ଲାର ବିଭିନ୍ନ ସ୍ଥାନ ପରିକ୍ରମା କରିଛି । ପ୍ରାଧିକରଣର ସଚିବ ଭ୍ରାମ୍ୟମାଣ ଗାଡ଼ିର ଶୁଭାରମ୍ଭ କରିଥିବା ବେଳେ ବିଭାଗୀୟ ଅଧିକାରୀ ଓ ଆଇନଜୀବୀମାନେ ଯୋଗ ଦେଇଥିଲେ ।

## କ୍ରିକେଟ୍

ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ କଟକରେ ଚାଲିଥିବା ଆନ୍ତଃଜିଲ୍ଲା ୧୯ ବର୍ଷରୁ କମ୍ କ୍ରିକେଟ୍ ମ୍ୟାଚ୍‌ରେ ଗତକାଲି ୫ଟି ଲିଗ୍ ମ୍ୟାଚ୍ ଖେଳାଯାଇଛି । ଏଥିରେ କଟକ-ଏ, ବାଲେଶ୍ୱର, କନ୍ଧମାଳ, ବରଗଡ଼ ଓ ନୂଆପଡ଼ା ବିଜୟୀ ହୋଇଛନ୍ତି ।

# ପାଣିପାଗ

ପଶ୍ଚିମ କେନ୍ଦ୍ର ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଆଜି ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆଜି ପାଇଁ ୧୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଏହାର ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବାର ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରରୁ ଫେରିଆସିବା ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି ।

ଅପରପକ୍ଷରେ ବର୍ଷାର ପ୍ରଭାବ ଯୋଗୁଁ ରାଜ୍ୟରେ ତାପମାତ୍ରା ହ୍ରାସ ପାଇଛି । ଗତକାଲି ସମସ୍ତ ସହରର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ତଳେ ଥିବା ରେକର୍ଡ କରାଯାଇଥିଲା ।